DSPL - 15

# "ଫୋନି" ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା



- ପିଇବା ପାଣିରେ ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.)୨୦ -୨୫ ଲିଟର (୧ମାଠିଆ/ବାଲଟି) ମିଶାନ୍ତୁ ଓ ମିଶାଇବାର ୧ଘଣ୍ଟା ପରେ ପିଅନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ ।
- ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ ।
- ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ ।
- ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ ।
- ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ ।
- ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ଅଧିକ ସୂଚନା ପାଇଁ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର: ୦୬୭୪-୨୩୯୦୪୬୬ରେ ଯୋଗାଯୋଗ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0011/1920

## ସଂକ୍ଷେପରେ

### କବିବର କଳାସଂସ୍କୃତି ସଂଘ ବାର୍ଷିକୋତ୍ସବ ଉଦ୍‌ଯାପିତ

**ସୋର, ୧୮।୫(ଡି.ଏନ.ଏ.):** ସୋର ସହରସ୍ଥ ରାଧାନାଥ ସ୍ମୃତିମଣ୍ଡପ ସାମ୍ନାରେ କବିବର କଳାସଂସ୍କୃତି ସଂଘର ୫ମ ବାର୍ଷିକ ଉତ୍ସବ ସଂଘ ସଭାପତି ଭାଗୀରଥି ତରେଇଙ୍କ ପୌରୋହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଦିବା ଅଧିବେଶନରେ ମୁଖ୍ୟଅତିଥି ଭାବେ ରାକେଶ ମଲ୍ଲିକ ଓ ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର ନାୟକ ଓ ଅନ୍ୟତମ ଅତିଥି ଭାବେ ଈଶ୍ୱରଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶାର ଅବକ୍ଷୟମୁଖୀ ଲୋକକଳା ଓ ସଂସ୍କୃତିର ଉନ୍ନତି ପାଇଁ ସାମଗ୍ରିକ ଉଦ୍ୟମ ଲୋଡ଼ା ବୋଲି କହିଥିଲେ। ଶରତ କୁମାର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଜୟନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମନୋରଞ୍ଜନ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇଥିଲେ। ରବୀନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିବା ବେଳେ ବନମାଳୀ ବେହେରା ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ତ୍ରିବେଣୀ କଳାକେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଏହି ଦୁଇଦିନିଆ ଉତ୍ସବରେ ପାରମ୍ପରିକ ଦାସକାଠିଆ, ଘୋଡାନାଚ, ଭଜନ ପରିବେଷଣ, ଏକକ ଅଭିନୟ, ସଂକୀର୍ତ୍ତନ ପରିବେଷିତ ହୋଇଥିବା ବେଳେ ସନ୍ଧ୍ୟାରେ ପାଲା ପରିବେଷଣ ହୋଇଥିଲା।

### ବିଶ୍ୱଶାନ୍ତି ଗୀତାଯଜ୍ଞର ରଜତ ଜୟନ୍ତୀ ସମାରୋହ

**ଖଇରା, ୧୮।୫(ଡି.ଏନ.ଏ.):** ସ୍ଥାନୀୟ ଦୁର୍ଗାମଣ୍ଡପ ପରିସରରେ ଆଖଣ୍ଡଳେଶ୍ୱର ବିଶ୍ୱଶାନ୍ତି ଗୀତାଯଜ୍ଞର ରଜତ ଜୟନ୍ତୀ ସମାରୋହ ଶନିବାର ହଜାର ହଜାର ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ ଶତପଥୀ ଓ ବିଷ୍ଣୁପଦ ସାହୁଙ୍କ ତତ୍ତ୍ୱାବଧାନରେ ୨୫ଜଣ ସସ୍ତ୍ରୀକ ବ୍ରତୀମାନଙ୍କ ଦ୍ୱାରା ଯଜ୍ଞମଣ୍ଡପକୁ କଳସ ଅଣାଯାଇଥିଲା। ସେହିଭଳି ବଳରାମ ପଣ୍ଡା, ବିଭୂତିଭୂଷଣ ତ୍ରିପାଠୀଙ୍କ ସମେତ ୨୫ଜଣ ଆଚାର୍ଯ୍ୟଙ୍କ ଦ୍ୱାରା ଲକ୍ଷ୍ମୀନାରାୟଣଙ୍କ ପୂଜା, ଗୀତାପାଠ ଓ ଯଜ୍ଞାଦି କର୍ମର ଆୟୋଜନ କରାଯାଇଥିଲା। ମଧ୍ୟାହ୍ନରେ ୧ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଓ ଭକ୍ତ ପ୍ରସାଦସେବନ କରିଥିଲେ। ସନ୍ଧ୍ୟାରେ ନେମାଳ ନିବାସୀ ସନ୍ଥ ନାରାୟଣ ବାବା ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ହରିକଥା ଶୁଣାଇଥିଲେ। ଯଜ୍ଞ ସମିତିର ଆବାହକ କୃଷ୍ଣଚନ୍ଦ୍ର ପତ୍ରୀ, କରୁଣାକର ମହାନ୍ତି, ଜଗତାନନ୍ଦ ମହାନ୍ତି, ଶୀତିକଣ୍ଠ ପଣ୍ଡା, ମିହିର କୁମାର ନାୟକଙ୍କ ସମେତ ସମସ୍ତ ସଭ୍ୟ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ। ୫୦ଖଣ୍ଡ ଗ୍ରାମର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ।

### 'ଫନୀ' କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା

**ବାଲେଶ୍ୱର ଅଫିସ, ୧୮।୫:** 'ଫନୀ'ରେ କ୍ଷତିଗ୍ରସ୍ତଙ୍କ ସହାୟତା ନିମନ୍ତେ ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ୧୦,୫୦୦ ଟଙ୍କା ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲଙ୍କ ନେତୃତ୍ୱରେ ଏସଡ଼ିଆଇପିଆରଓ ଦୀପକ ସାହୁ, ପୁରୁଷୋତ୍ତମ ସେଠୀ, ଚିତ୍ତରଞ୍ଜନ ଦାସ, ରାହୁଲ ସିଂ ଓ ସତ୍ୟସାଗର ମଣ୍ଡଳ ପ୍ରମୁଖ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ଭେଟି ଏହି ରାଶିର ଏକ ଡ୍ରାଫ୍ଟ ପ୍ରଦାନ କରିଥିଲେ। କର୍ମଚାରୀମାନେ ନିଜ ସାମର୍ଥ୍ୟ ଅନୁଯାୟୀ ଏହି ଅର୍ଥ ସଂଗ୍ରହ କରି ସହଯୋଗର ହାତ ବଢାଇଥିବାରୁ ଜିଲାପାଳ ରାଉତ ଏହାର ପ୍ରଶଂସା କରିଛନ୍ତି।

# ସରିଲା ଲଗ୍ନଧରା: ୩୦ରେ ଟୁସୁ-ଶଙ୍କରଙ୍କ ବିବାହ

**ବାଲେଶ୍ୱର ଅଫିସ, ୧୮।୫**

ବାଲେଶ୍ୱରର ଲୋକପର୍ବ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ଚଳିତବର୍ଷ ଟୁସୁ ଓ ଶଙ୍କରଙ୍କର ଲଗ୍ନଧରା ଶ୍ୟାମସୁନ୍ଦର ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶହେରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି କନ୍ୟାକୁ ଆଶୀର୍ବାଦ ଦେଇଥିଲେ। ଆସନ୍ତା ୩୦ତାରିଖରେ ବୈଦିକ ରୀତିରେ ବିବାହ ସମ୍ପନ୍ନ ହେବ ବୋଲି ସ୍ଥିର କରାଯାଇଛି।

ବାଲେଶ୍ୱରର ଲୋକପର୍ବ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ୯ବର୍ଷ ହେବ ହୋଇଆସୁଛି ଜଉକଣ୍ଢେଇ ବାହାଘର। ଚଳିତବର୍ଷ ବରର ନାମ ଶଙ୍କର ରଖାଯାଇଥିବା ବେଳେ କନ୍ୟାର ନାମ ଟୁସୁ ରଖାଯାଇଛି। ଲୋକକଥାକୁ ନେଇ ଏହି ନାମକରଣ କରାଯାଇଛି। ଚନ୍ଦନ ପୂର୍ଣ୍ଣମୀ ଅବସରରେ ତାହାର ଲଗ୍ନଧରା କାର୍ଯ୍ୟ ସମ୍ପନ୍ନ ହୋଇଛି। ପୂର୍ବାହ୍ନ ୮ଟାରେ ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କର୍ମକର୍ତ୍ତାମାନେ ବରପିତା ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁରଞ୍ଜନ ଦାସ ମହାପାତ୍ର ଓ ମାତା ଝାନ୍‌ସୀ ଦାସ ମହାପାତ୍ର ସହ ହାତରେ ମିଠାହାଣ୍ଡି ଧରି ସିନେମା ଛକ ନିଟରେ ଥିବା ସିଦ୍ଧି ବିନାୟକ ମନ୍ଦିରରୁ ବାହାରିଥିଲେ। ପରେ ସେମାନେ ଆସି ପହଞ୍ଚିଥିଲେ ଶ୍ୟାମସୁନ୍ଦର ମନ୍ଦିର ନିକଟରେ। ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ଲଗ୍ନଧରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କନ୍ୟା ପିତା ସ୍ୱର୍ଣ୍ଣକାର ରାଜକିଶୋର ରଣା ଓ ମାତା ଶାନ୍ତିଲତା ରଣା ଟୁସୁଙ୍କର ଲଗ୍ନଧରା କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ କରିଥିଲେ। ବରଘର ପକ୍ଷରୁ କନ୍ୟାଘରକୁ ଯୌତୁକ ବାବଦରେ 'ରକ୍ତ ଦେବି ଜୀବନ ବଞ୍ଚାଇବି' ଦାବି କରାଯାଇଥିବା ବେଳେ କନ୍ୟାଘର ତରଫରୁ 'ବିଜ୍ଞାନକୁ ଆଦରନ୍ତୁ ଓ ଅନ୍ଧବିଶ୍ୱାସକୁ ଦୂରାନ୍ତୁ' ଦାବି କରାଯାଇଥିଲା। ଏହାକୁ ଉଭୟ ପକ୍ଷ ସମ୍ମତି ପ୍ରକାଶ କରିବା ପରେ ଆସନ୍ତା ୩୦ତାରିଖରେ ବାହାଘର ତାରିଖ ଧାର୍ଯ୍ୟ ହୋଇ ଲଗ୍ନଧରା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଲଗ୍ନଧରାରେ ଉଭୟ ପକ୍ଷରୁ ୧୦୦ ପାଖାପାଖି ଲୋକ ଯୋଗ ଦେଇଥିଲେ। ସେଥିମଧ୍ୟରୁ ବାଲେଶ୍ୱରର ବହୁ ବୁଦ୍ଧିଜୀବୀ, କଳାକାର, ସାହିତ୍ୟିକ, ବାରିକ ସଂଘ, ବ୍ରାହ୍ମଣ ସଂଘ ସାମିଲ ହୋଇଥିଲେ।

ବର ପିତା ସୁରଞ୍ଜନ ଦାସ ମହାପାତ୍ରଙ୍କ କହିବାନୁସାରେ, କଳା ଓ ସଂସ୍କୃତିକୁ ରକ୍ଷା କରିବା ପାଇଁ ଏହି କାର୍ଯ୍ୟ ହେଉଥିବାରୁ ଉଭୟ ପରିବାର ଓ ଉଭୟ ଅଞ୍ଚଳର ଲୋକ ଏ ପ୍ରକାର ବାହାଘରକୁ ସାଦରରେ ଗ୍ରହଣ କରିଛନ୍ତି।



ଶ୍ୟାମସୁନ୍ଦର ମନ୍ଦିରରେ ଟୁସୁ ଓ ଶଙ୍କରଙ୍କର ଲଗ୍ନଧରା କାର୍ଯ୍ୟକ୍ରମ।

# ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ପାଟ ଉତ୍ସବ ଶେଷ

**ଭୋଗରାଇ, ୧୮।୫(ଡି.ଏନ.ଏ.)**

ଧର୍ମୀୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଭୋଗରାଇ ବ୍ଲକ ବାଣିଜ୍ୟିକ ପେଣ୍ଠସ୍ଥଳୀ ଦେଉଳାହାଟ ବାବା ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ପ୍ରସିଦ୍ଧ ପାଟ ଉତ୍ସବ ଶୁକ୍ରବାର ଶାନ୍ତିଶୃଙ୍ଖଳା ମଧ୍ୟରେ ଶେଷ ହୋଇଛି। ବାବାଙ୍କଠାରେ ୧୧ଦିନ ଧରି ଶତାଧିକ ଉପବୀତଧାରୀ ଭକ୍ତମାନେ ସାରାଦିନ ନିର୍ଜଳା ଉପବାସ ରହି ଶଙ୍କରଙ୍କଠାରେ ମନସ୍କାମନାପୂର୍ଣ୍ଣ ନିମନ୍ତେ ରାତିରେ ଅର୍ଘ୍ୟ ପ୍ରଦାନ କରିଆସୁଥିଲେ। ପାଟ ଉତ୍ସବରେ ଦଶନଖି ସହ ପାଟଭକ୍ତ, ଦେଉଳିଆ ଭକ୍ତମାନେ ଦେଉଳା ବଡ଼ପୋଖରୀଠାରେ ସମବେତ ହୋଇ ମନ୍ଦିର ବିଜେ କରିଥିଲେ। ଚଳିତବର୍ଷ ସାମୁଦ୍ରିକ ଝଡ଼ 'ଫନୀ'ର କରାଳ ଦୃଶ୍ୟକୁ ମେଳାର ଚାରିପାଖରେ ଏକ ମୂର୍ତ୍ତି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଏଥିସହିତ ଭକ୍ତମାନେ ଶିବ, ଦୁର୍ଗା ବେଶରେ ଦଣ୍ଡନୃତ୍ୟ, ଶିବଙ୍କ ମୂର୍ତ୍ତି, ପଞ୍ଚୁମୁଣ୍ଡିଆ ଦର୍ଶକମାନଙ୍କୁ ଆକର୍ଷଣ କରିଥିଲା। ଯାତ୍ରୀମାନେ ଆଲୁଦମ୍‌ର ମଜା ନେଇଥିଲେ। ଶନିବାର ସକାଳେ ସାତଗୋହଳିଆ ପଡ଼ିଆରେ ଆଦିବାସୀ ନୃତ୍ୟ ବେଶ୍ ଜାକଜମକରେ ହୋଇଥିଲା।



'ଫନୀ'ର ଭୟାବହତା ପ୍ରଦର୍ଶନ କରାଯାଉଛି।

■ ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

# ଯୋଗଦେଲେ ଅନ୍ତର୍ଜାତୀୟ ଚାମ୍ପିୟନ ସାଇନା ସାଲୋନିକା

**ବାଲେଶ୍ୱର ଅଫିସ, ୧୮।୫**

ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଶନିବାର ପୂର୍ବାହ୍ନ ୧୧ଟା ବେଳେ ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ବାଲେଶ୍ୱର ଆଇନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଆଇନ ମହାବିଦ୍ୟାଳୟର ପ୍ରିନ୍ସିପାଲ ଡ. ରବି ନାରାୟଣ ପଣ୍ଡା ଓ ୧୦ବର୍ଷରୁ କମ୍ ଚେସ୍ ଅନ୍ତର୍ଜାତୀୟ ଚାମ୍ପିୟନ ସାଇନା ସାଲୋନିକା ଚେସ୍ ଗୋଟି ଚାଳନା କରି ଖେଳର ଉଦ୍‌ଘାଟନ କରିଥିଲେ। ଜିଲା ଚେସ୍ ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ପଣ୍ଡା, କାର୍ଯ୍ୟନିର୍ବାହୀ ସଭାପତି ପ୍ରଦୀପ୍ତ କୁମାର ପଣ୍ଡା, କର୍ମକର୍ତ୍ତା ଐଶ୍ୱର୍ଯ୍ୟ ସେନାପତି ଏବଂ ସନ୍ଦୀପ ସାମନ୍ତରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ୨୮ଟି ଜିଲାରୁ ବାଳିକା ବିଭାଗରେ ୧୬ ଓ ବାଳକ ବିଭାଗରେ ୫୬ ମୋଟ ୭୨ଜଣ ଖେଳାଳି ଭାଗ ନେଇଛନ୍ତି। ପ୍ରତିଯୋଗିତାକୁ ସୁଇସ୍ ଲିଗ୍ ପଦ୍ଧତିରେ ପରିଚାଳକ ସନ୍ତୋଷ ମହାପାତ୍ର ଓ ଭବେଶ ମହାନ୍ତି ପରିଚାଳନା କରିଛନ୍ତି। ବାଳକ ଖେଳାଳିଙ୍କ ମଧ୍ୟରେ ୭ ରାଉଣ୍ଡ କରାଯାଉଥିବା ବେଳେ ବାଳିକାମାନଙ୍କ ମଧ୍ୟରେ ୬ରାଉଣ୍ଡ ଖେଳ ହେବାର ସ୍ଥିର ହୋଇଛି। ପ୍ରଥମ ଦିନରେ ୨ ରାଉଣ୍ଡ ଖେଳ ଶେଷ ହୋଇଛି। ପ୍ରତିଯୋଗିତା ୨୦ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ଉଭୟ ବାଳିକା ଓ ବାଳକ ବିଭାଗରୁ ସର୍ବଶ୍ରେଷ୍ଠ ୨ ଜଣ ଲେଖାଏଁ ଖେଳାଳି ଆସନ୍ତା ଜୁନ୍ ୨୯ ତାରିଖରେ କେରଳର କୋଚିଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚେସ୍ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଜିଲା ଚେସ୍ ସଙ୍ଗଠନ ସଭାପତି ଦେବାଶିଷ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି।



ପ୍ରିନ୍ସିପାଲ ଡ. ରବି ନାରାୟଣ ପଣ୍ଡା, ସାଇନା ସାଲୋନିକା ଉଦ୍‌ଘାଟନ କରୁଛନ୍ତି।

■ ଭୋଜି ଖାଇ ଅସୁସ୍ଥ ହେବା ଘଟଣା

# ୪ ଦିନ ଧରି ଯୋଗାଇ ଦିଆଯିବ ସ୍ୱାସ୍ଥ୍ୟସେବା

**ଭୋଗରାଇ, ୧୮।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ରାଣୀବସାଣ ଗ୍ରାମରେ ଚତୁର୍ଥୀ ଭୋଜି ଖାଇ ଅସୁସ୍ଥ ହୋଇପଡ଼ିଥିବା ୧୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଏହି ଗ୍ରାମରେ ୨୫ଜଣଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ସ୍ଥିତିରେ ସୁଧାର ଆସିଛି। ତେବେ ଅସୁସ୍ଥ ଥିବା ରୋଗୀଙ୍କ ଅଧିକ ପରୀକ୍ଷାନିରୀକ୍ଷା କରିବା ପାଇଁ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ୪ଦିନ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ସ୍ୱାସ୍ଥ୍ୟବିଭାଗର ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା ପ୍ରକାଶ କରିଛନ୍ତି। ରାଣୀବସାଣ ଗ୍ରାମର ଗୌରହରି ଜେନାଙ୍କ ପୁଅ ଦୀପକ ଜେନାଙ୍କ ଚତୁର୍ଥୀ ରାତିରେ ଭୋଜି ଖାଇ ବହୁ ଲୋକେ ଅସୁସ୍ଥ ହୋଇପଡ଼ିଥିଲେ। କୁକୁଡ଼ା ମାଂସର ବିଷକ୍ରିୟା ଯୋଗୁ ଏଭଳି ଘଟଣା ଘଟିଥିବା ଡାକ୍ତରୀ ଦଳ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଅସୁସ୍ଥ ହୋଇ ପଡ଼ିଥିବା ବର, କନ୍ୟା ସମେତ ୧୫ଜଣଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଶନିବାର ଛାଡ଼ି ଦିଆଯାଇଛି।

# ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ଧାରଣା

**ସୋର, ୧୮।୫(ଡି.ଏନ.ଏ.)**

ନିମ୍ନମାନର ରନ୍ଧା ଖାଦ୍ୟ ଦିଆଯାଉଥିବା ଅଭିଯୋଗରେ ସୋର ଶିଙ୍ଗାଖୁଣ୍ଟା ପଞ୍ଚାୟତ ଅଧୀନ ସିମୁଳିଖୋଲ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଭିଭାବକଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ପ୍ରସୂତି ଓ ଗର୍ଭବତୀଙ୍କୁ ସୁଷମ ଖାଦ୍ୟ ବଣ୍ଟନ କରାଯାଉ ନ ଥିବା ସହ ଛୋଟଛୋଟ ପିଲାମାନଙ୍କୁ ପାଠପଢ଼ା ଯାଉ ନ ଥିବା ଅଭିଯୋଗ କରି ଗ୍ରାମବାସୀଙ୍କ ପକ୍ଷରୁ ଏହି ଧାରଣା ଦିଆଯାଇଥିଲା। ଏହି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଏଠାକାର ଏକ କ୍ଲବ ଘରେ ଏହି କେନ୍ଦ୍ର ଚାଲିଛି। କେନ୍ଦ୍ରରେ ମୋଟ ପିଲା ସଂଖ୍ୟା ୪୦ ଥିବା ବେଳେ ୭ଜଣ ପିଲା କେନ୍ଦ୍ରକୁ ନିୟମିତ ଆସୁଛନ୍ତି। କେନ୍ଦ୍ରରେ ରନ୍ଧା ଖାଦ୍ୟ ଦିଆଯାଉ ନ ଥିବାରୁ ପିଲାମାନେ ଭୋକିଲା ପେଟରେ ଘରକୁ ଫେରୁଛନ୍ତି। ଅଙ୍ଗନୱାଡି କେନ୍ଦ୍ରର ଅବ୍ୟବସ୍ଥା ନେଇ ଗ୍ରାମର ମାମୁନି ସିଂ, ପ୍ରମିଳା ସିଂ, ଦେବକୀ ସିଂ, ସଂଯୁକ୍ତା ସିଂ, ସୁକାନ୍ତି ସିଂ, ଗୋପବନ୍ଧୁ ସିଂ, ହେମନ୍ତ ସିଂ, ପ୍ରଶାନ୍ତ ସିଂ, ଶଶିକାନ୍ତ ସିଂ, ଚିନ୍ତାମଣି ସିଂ, ଛବି ସିଂ, ମୀନତି ଭକ୍ତା, ସୁଭଦ୍ରା ସିଂ, କାର୍ତ୍ତିକ ଭକ୍ତା, ବଳରାମ ସିଂ, ଶିବନାଥ ସିଂ ଓ ରତିକାନ୍ତ ସିଂ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷମାନେ କେନ୍ଦ୍ର ଆଗରେ ଧାରଣା ଦେଇଥିଲେ। ଏଠାକାର ଅନୟମିତତା ସମ୍ପର୍କରେ ପୂର୍ବରୁ ଗ୍ରାମବାସୀ ସିଡ଼ିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ସବୁଥର ଅଙ୍ଗନୱାଡ଼ି କର୍ମୀ ନିୟମିତ କାର୍ଯ୍ୟ କରିବା ପାଇଁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଫଳ ଶୂନ। ଏହି ଧାରଣା ବେଳେ ସୁପରଭାଇଜର ପହଞ୍ଚି ଏହାର ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ଦାବିରେ ଏହି ଧାରଣା ଅବ୍ୟାହତ ଅଛି।



ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ଅଭିଭାବକଙ୍କ ଧାରଣା।

■ ବାଲେଶ୍ୱର ଜିଲାରେ ସ୍ୱାସ୍ଥ୍ୟସେବାର ସୁଧାର ଦାବି

# କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ ନିଷ୍ପତ୍ତି

**ବାଲେଶ୍ୱର ଅଫିସ, ୧୮।୫**

ବାଲେଶ୍ୱର ସରକାରୀ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସାଙ୍ଗଠନିକ ସମ୍ମିଳନୀ ଶନିବାର ଅବସରପ୍ରାପ୍ତ କର୍ମଚାରୀଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପ୍ରଫେସର ଅନନ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରି ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ଫକୀରମୋହନ ସରକାରୀ ମେଡିକାଲ କଲେଜ୍ ହସପିଟାଲ୍‌ର ସମସ୍ୟା ଉପରେ ଆଲୋକପାତ କରି ତୁରନ୍ତ ଏଥିରେ ସୁଧାର ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ନଚେତ୍ କ୍ରିୟାନୁଷ୍ଠାନ କମିଟି ଆସନ୍ତା ଜୁନ୍ ପ୍ରଥମ ସପ୍ତାହରୁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ପରେ ଜିଲାବ୍ୟାପୀ ଆନ୍ଦୋଳନ ପାଇଁ କ୍ରିୟାନୁଷ୍ଠାନ କମିଟି ତରଫରୁ ଆହ୍ୱାନ ଦିଆଯାଇଛି। ଏ ସମ୍ପର୍କରେ ରାଜ୍ୟ ସରକାର, ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନକୁ ଚରମପତ୍ର ଦିଆଯିବାର ପ୍ରସ୍ତାବ ରଖିଥିଲେ।

ସମ୍ମିଳନୀରେ ସମସ୍ତ ବ୍ଲକ କମିଟି ଓ ଶାଖା କମିଟିର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଗତ ସପ୍ତାହରେ ଜଣେ ପ୍ରସୂତିଙ୍କଠାରୁ କାର୍ଯ୍ୟରତ ଜଣେ ନର୍ସ ଲାଞ୍ଚ ଦାବି କରିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ ମାରିଥିଲେ। ଏହି ଘଟଣାରେ ପୋଲିସର ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ମୁଖ୍ୟ ଚିକିତ୍ସାଧିକାରୀଙ୍କ ତରଫରୁ ବିଭାଗୀୟ କାର୍ଯ୍ୟପନ୍ଥା ଗ୍ରହଣ କରା ନ ଯିବା ଘଟଣାକୁ ସମ୍ମିଳନୀରେ ଦୃଢ଼ ନିନ୍ଦା କରାଯାଇଛି। ମେଡିକାଲ୍ କଲେଜ ସଂଲଗ୍ନ ମଞ୍ଜୁରିପ୍ରାପ୍ତ ୩୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସପିଟାଲ୍ ଓ ଆୟୁଷ ହସପିଟାଲ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା, ନିର୍ମାଣାଧୀନ ଏମ୍‌ସ ସାଟେଲାଇଟ୍ ସେଣ୍ଟର ବହିଃବିଭାଗ ନିର୍ମାଣ କାର୍ଯ୍ୟ ଶେଷକରି ଆସନ୍ତା ନଭେମ୍ବରରୁ କାର୍ଯ୍ୟକ୍ଷମ କରିବା, ଜିଲା ମୁଖ୍ୟ ହସପିଟାଲ୍ ସହ ଜିଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଦେବା, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ଲଗାଇବା ଆଦି ୧୭ଦଫା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ପ୍ରତିନିଧିମାନେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ଇଂ. ବନମାଳୀ ନାୟକ ଆୟବ୍ୟୟର ହିସାବପାଠ କରିଥିଲେ। ପ୍ରଭାକର ସାହୁ, କାଞ୍ଚନବାଳା ପାତ୍ର, ଦିଲୀପ ଗିରି, ଜଗତାନନ୍ଦ ବିଶ୍ୱାଳ, ରଘୁନାଥ ଲେଙ୍କା, ସଂଯୁକ୍ତା ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ମୀନତି ରାୟ ଓ ଉପେନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ୧୭ଦଫା ସମସ୍ୟା ସମ୍ବଳିତ ଦାବିପତ୍ର ଉପରେ ବିଭିନ୍ନ ପ୍ରସ୍ତାବ ଦେଇ ଆଗାମୀ ଆନ୍ଦୋଳନକୁ ଜୋରଦାର କରିବାକୁ ମତ ଦେଇଥିଲେ।



କ୍ରିୟାନୁଷ୍ଠାନ କମିଟିର ସାଙ୍ଗଠନିକ ସମ୍ମିଳନୀରେ ଅତିଥି ଓ ଜନସାଧାରଣ।

ଧରିତ୍ରୀ
DHARITRI
ବାଲେଶ୍ୱର, ରବିବାର, ୧୯ ମେ, ୨୦୧୯



## ସଂକ୍ଷେପରେ

### କିରାଣିଙ୍କ ଅକାଳ ମୃତ୍ୟୁ

**କପ୍ତିପଦା,୧୮ା୫(ଡି.ଏନ୍.ଏ)**-କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ ଶରତ ଗ୍ରାମରେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ରେଞ୍ଜ ହେମ୍ବ୍ରମ (୩୬) । ସେ ଉଦଳା ଏନଏସିରେ କନିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିଲେ । ଶୁକ୍ରବାର ସେ ଅସୁସ୍ଥତା ଅନୁଭବ କରିବାରୁ ଉଦଳା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ହୋଇ ଘରକୁ ଫେରିଥିଲେ । ଶନିବାର ପୁଣି ଗୁରୁତର ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିନେଇ ଶରତ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

### ରାସ୍ତାକଡ଼କୁ ଓଲଟିଲା ଆମ୍ବୁଲାନ୍ସ

**ବାରିପଦା ଅଫିସ,୧୮ା୫**-ରୋଗୀ ନେବା ପାଇଁ ଆସୁଥିବା ବେଳେ ଶନିବାର ଏକ ଆମ୍ବୁଲାନ୍ସ କାଠପାଳଠାରେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡ଼ିବାରୁ ଡ୍ରାଇଭର ଓ ଫାର୍ମାସିଷ୍ଟ ଆହତ ହୋଇଛନ୍ତି। ୧୦୮ ଆମ୍ବୁଲାନ୍ସଟି କେସିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀ ନେବା ପାଇଁ ଶାମାଖୁଣ୍ଟା ବ୍ଲକ ଅଞ୍ଚଳକୁ ଆସିଥିଲା। ତେବେ ରୋଗୀ ଜଣଙ୍କ ଏକ ଘରୋଇ ଗାଡିରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ଆସି ସାରିଥିଲେ। ଫଳରେ ଆମ୍ବୁଲାନ୍ସଟି କେସିପୁର ଫେରିଯାଉଥିବା ବେଳେ ୧୮ ନମ୍ବର ଜାତୀୟ ରାଜପଥର କାଠଫାଳଠାରେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡ଼ିଥିଲା।

### ଆଧ୍ୟାତ୍ମିକ ସାରସ୍ୱତ ଆସର

**ବାରିପଦା ଅଫିସ,୧୮ା୫**- ବୁଦ୍ଧ ପୂର୍ଣ୍ଣିମା ଅବସରରେ ଶନିବାର ଚିତ୍ତରଞ୍ଜନ ପତି ଫାଉଣ୍ଡେଶନ ତରଫରୁ ଏକ ଆଧ୍ୟାତ୍ମିକ ସାରସ୍ୱତ ଆସର ଓ ଆଲୋଚନାଚକ୍ର ସ୍ଥାନୀୟ ମିଶନ୍ସ ସାଇନ୍ସ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ଆବାହକ ଡ.ମନତୋଷ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବକୁ କବି ତଥା ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ଓ କବୟିତ୍ରୀ ସୁନୀତା ରାଣୀ ସଂଯୋଜନା କରିଥିଲେ। କବୟିତ୍ରୀ ପ୍ରଭାତୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସାହିତ୍ୟିକ ଡ. ସରୋଜ କୁମାର ନାୟକ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ କବିତାଗୁଡିକର ସମୀକ୍ଷା କରିଥିଲେ। ସାମ୍ପ୍ରତିକ ସମୟରେ ଅଧ୍ୟାତ୍ମିକ ଚିନ୍ତା ଚେତନା ମନୁଷ୍ୟକୁ ଏକ ସୁସ୍ଥ ବାତାବରଣ ଆଡକୁ ଅଗ୍ରସର କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ।

### ଶିଶୁର ଅସ୍ୱାଭାବିକ ମୃତ୍ୟୁ

**ବଡ଼ସାହି,୧୮ା୫(ସ୍ୱ.ପ୍ର)**-ବଡ଼ସାହି ଥାନା ଅଧୀନ ଆନନ୍ଦ ବୃନ୍ଦାବନଚନ୍ଦ୍ରପୁର ଗ୍ରାମର ଏକ ୧୦ ମାସର ଶିଶୁର ଅସ୍ୱାଭାବିକ ମୃତ୍ୟୁ ଘଟିଛି । ମୃତ ଶିଶୁ ତପନ କୁମାର ନାଏକଙ୍କ ପୁତ୍ର ଦେବବ୍ରତ । ଶୁକ୍ରବାର ରାତିରେ କୌଣସି ଏକ ଜନ୍ତୁ କାମୁଡିବା ପରେ ଶିଶୁର ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ପରିବାର ଲୋକେ ତାକୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ୧୯/୧୯)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି । ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଜଣାଇଛନ୍ତି ।

### ଭୋଟ ଗଣତି ପାଇଁ ତାଲିମ

**ବାରିପଦା ଅଫିସ,୧୮ା୫**-ମୟୂରଭଞ୍ଜ ଜିଲାରେ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନର ଭୋଟ ଗଣତି ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ଭୋଟ ଗଣତିରେ ସାମିଲ ହେବାକୁ ଥିବା ମାଷ୍ଟର ଟ୍ରେନରମାନଙ୍କ ପାଇଁ ଏକ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିନିତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଆବୋଲୀ ନରଭାଣେ, ବ୍ରଜବନ୍ଧୁ ଭୋଳ, ନିର୍ବାଚନ କମିଶନଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲା ପାଇଁ ନିୟୋଜିତ ରାଜ୍ୟ ମାଷ୍ଟର ଟ୍ରେନର ଜାନକୀ ବଲ୍ଲଭ ମିଶ୍ର, ରାଜ୍ୟ ଜଳସମ୍ପଦ ଯୁଗ୍ମ ଶାସନ ସଚିବ ଲାଲା ମନୋଜ କୁମାର ରାଏ ପ୍ରମୁଖ ଯୋଗଦେଇ ଭୋଟ ଗଣତି ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଧାନସଭା ସ୍ତରରେ ମାଷ୍ଟର ଟ୍ରେନର ଭାବେ ନିୟୋଜିତ ବିଡିଓ ଓ ତହସିଲଦାର ତଥା ଏଆର୍‌ଓମାନଙ୍କ ଦ୍ୱାରା କାଉଣ୍ଟିଂ ଆସିଷ୍ଟାଣ୍ଟ, କାଉଣ୍ଟିଂ ସୁପରଭାଇଜର ଏବଂ ମାଇକ୍ରୋ ଅବ୍‌ଜରଭରମାନଙ୍କୁ ଠିକ୍ ପ୍ରଶିକ୍ଷଣ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ୨୩ ତାରିଖ ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ।

# ୫ ବୁଥ୍‌ରେ ସାନି ମତଦାନ ଆଜି

**ବାରିପଦା ଅଫିସ,୧୮ା୫**

ମୟୂରଭଞ୍ଜ ଜିଲାର ୫ଟି ବୁଥ୍‌ରେ ରବିବାର ସାନି ମତଦାନ ଅନୁଷ୍ଠିତ ହେବ। ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀର ୪ଟି ଓ ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀର ଗୋଟିଏ ବୁଥରେ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଭୋଟ ହେବ। ଏଥିନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିନିତ ଭରଦ୍ୱାଜ, ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଆବୋଲି ନରଭାଣେ, ବାରିପଦା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ତଥା ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଜେନେରାଲ ଅବଜରଭରଙ୍କ ଉପସ୍ଥିତିରେ ଦେବେନ୍ଦ୍ରପୁରଠାରେ ପୋଲିଂ କର୍ମଚାରୀମାନଙ୍କୁ ଇଭିଏମ ଓ ଭିଭିପିଏଟି ମେଶିନ ପ୍ରଦାନ କରାଯାଇଥିଲା। ଶନିବାର ସନ୍ଧ୍ୟା ସୁଦ୍ଧା ପୋଲିଂ କର୍ମଚାରୀମାନେ ବୁଥରେ ପହଞ୍ଚି ସାରିଛନ୍ତି। ସୂଚନା ମୁତାବକ ବାରିପଦା ନିର୍ବାଚନମଣ୍ଡଳୀ ଅଧୀନ ବାରିପଦା ସହରର ବୁଥ ନଂ.୧୬-ଭୁଗୁଡାକଟା-୧, ୧୯-ପୂର୍ଣ୍ଣଚନ୍ଦ୍ରପୁର, ଖୁଣ୍ଟା ବ୍ଲକର ବୁଥ ନଂ୨୪୮-ଅଠାପଡା, ବଡସାହି ବ୍ଲକର ବୁଥ ନଂ୧୬୬-ଖାନୁଆ-୨ ଏବଂ ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ ନଂ ୧୦୪-କଖାରୁଶୋଳରେ ସାନି ମତଦାନ ଅନୁଷ୍ଠିତ ହେବ। ସକାଳ ୭ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ସୁରକ୍ଷା ଦୃଷ୍ଟିରୁ ପ୍ରତି ବୁଥରେ ସିସିଟିଭି କ୍ୟାମେରା ଲଗାଯାଇଛି। ଇଭିଏମରେ ତ୍ରୁଟି ଦେଖାଯାଇଥିବା ଯୋଗୁ ସାନି ମତଦାନ କରାଯାଉଥିବା ଏବଂ ଉପରୋକ୍ତ ବୁଥଗୁଡିକରେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଭୁଲ ରିପୋର୍ଟ ପ୍ରଦାନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି।



ପୋଲିଂ କର୍ମଚାରୀମାନଙ୍କୁ ଇଭିଏମ ଓ ଭିଭିପିଏଟି ମେଶିନ ପ୍ରଦାନ କରାଯାଉଛି।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

**ବାରିପଦା ଅଫିସ,୧୮ା୫**

ବାରିପଦା ସ୍ଥିତ ଜବୁଲି ମଣ୍ଡପଠାରେ ମୟୂରଭଞ୍ଜ ଆଦିବାସୀ ରିଭୋଲ୍ୟୁଶନାରୀ ୟୁଥ ଆଣ୍ଡ ଆସୋସିଏଶନ (ମାରିସା) ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ମାରିସାର ସଭାପତି କୁନୁ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମାରିସାର ଜିଲା ସମ୍ପାଦକ ରାମଚନ୍ଦ୍ର ହେମ୍ବ୍ରମ ଓ ସମ୍ମାନିତ ଅତିଥି ଭାବେ ଅଲଚିକି ଶିକ୍ଷକ ମହେନ୍ଦ୍ର ଟୁଡୁ ଯୋଗଦେଇଥିଲେ। ପ୍ରାରମ୍ଭରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ମାରିସା ସେନାର ୭ ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣବୟାବ ପ୍ରତିମୂର୍ତ୍ତି ସ୍ଥାପନ, ମେଡିକାଲ କଲେଜରେ ଓଡ଼ିଆ ଓ ଇଂଲିଶ ସହ ସାନ୍ତାଳୀ ଭାଷାରେ ନାମ ଫଳକ ଲେଖାଯିବା, ମୟୂରଭଞ୍ଜର ପ୍ରତ୍ୟେକ ସାନ୍ତାଳୀ ଭାଷାଭାଷୀ ଅଞ୍ଚଳରେ ସାନ୍ତାଳୀ ଅଲଚିକି ଶିକ୍ଷକ ନିଯୁକ୍ତି କରାଯିବାକୁ ଦାବି କରାଯାଇଛି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ବୈଶାଖ ପୂର୍ଣ୍ଣିମା ଦିନକୁ ପଡୁଥିବାରୁ ଏହି ଦିନକୁ ସରକାର ଇଚ୍ଛାଧୀନ ଛୁଟି ଭାବେ ଘୋଷଣା କରିଥିବାରୁ ସରକାରଙ୍କୁ ସାଧୁବାଦ ଜଣାଯାଇଥିଲା। ଆଗାମୀ ଦିନରେ ଏହି ଇଚ୍ଛାଧୀନ ଛୁଟିକୁ ସମ୍ପୂର୍ଣ୍ଣ ଛୁଟି ଭାବେ ଘୋଷଣା କରିବା ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଭାରତ ରତ୍ନ ସମ୍ମାନ ପ୍ରଦାନ କରିବାକୁ ଦାବି କରାଯାଇଛି। ଉତ୍ସବରେ ନଗର ସଭାପତି କୁନୁ ମୁର୍ମୁଙ୍କ ସମେତ ମାରିସା ସେନାର ଅଧ୍ୟକ୍ଷ ଅର୍ଜୁନ ମୁର୍ମୁ, ସମ୍ପାଦକ ରାମଚନ୍ଦ୍ର ହେମ୍ବ୍ରମ, ଉପସଭାପତି ରଘୁନାଥ ମୁର୍ମୁ, ନଗର ଉପସଭାପତି ସଞ୍ଜୟ ଟୁଡୁ, ଧନୁରାମ ମୁର୍ମୁ, ଶଙ୍କର ମୁର୍ମୁ, ବୁଲେଟ ସିଂ, କରନ ମୁର୍ମୁ, ପାର୍ବତୀ ଟୁଡୁ, ମାୟାମୁରୀ ମାର୍ଣ୍ଡି, କବିତା ସୋରେନ ଓ ଗୀତା କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ।




ଜୟନ୍ତୀ ସଭାରେ ମାରିସାର କର୍ମକର୍ତ୍ତା।

# ଶାଳକାଠ ଜବତ, ସୁପରଭାଇଜର ଗିରଫ

**ଠାକୁରମୁଣ୍ଡା,୧୮ା୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ କେଶଡିହା ବିଟ୍ ଅନ୍ତର୍ଗତ ଚିରୁପଦା ଜଙ୍ଗଲରୁ ଶାଳ ଗଜା କାଟି ଘର ଛାତ ପାଇଁ ରଖାଯାଇଥିବା ବେଳେ ଶନିବାର ବନବିଭାଗ ଅଚାନକ ଚଢାଉ କରି ଜଣେ ଠିକାଦାରଙ୍କ ସୁପରଭାଇଜରଙ୍କୁ ଗିରଫ କରିବା ସହ ୧୨୫ଟି ଶାଳଗଜା ଜବତ କରିଛନ୍ତି। ପାରାଦୀପ ଅଞ୍ଚଳର ଠିକାଦାର ପଙ୍କଜ କୁମାର ମଲ୍ଲିକ ଆଦିବାସୀ ଉନ୍ନୟନ ବିଭାଗ କେଶଡିହା ଆଶ୍ରମ ବିଦ୍ୟାଳୟର କ୍ଲାସ ରୁମ୍ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ଛାତ ସେଣ୍ଟ୍ରିଂ ପାଇଁ ସେ ଓ ତାଙ୍କ ସୁପରଭାଇଜର ଜଗତସିଂହପୁର ଅଞ୍ଚଳର ଅଗସ୍ତି କୁମାର ସେନାପତି ସ୍ଥାନୀୟ ଆଦିବାସୀଙ୍କୁ ପ୍ରଲୋଭନ ଦେଖାଇ ଚିରୁପଦା ଜଙ୍ଗଲରୁ ୧ଫୁଟ୍ ମୋଟେଇ ଓ ୧୦ଫୁଟ୍ ଲମ୍ବର ୧୨୫ଟି ଶାଳ ଗଜା କାଟି କାର୍ଯ୍ୟସ୍ଥାନରେ ରଖିଥିଲେ । କୌଣସି ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ପ୍ରଭାତ କୁମାର କୁଅଁରଙ୍କ ନେତୃତ୍ୱରେ ଠାକୁରମୁଣ୍ଡା ଫରେଷ୍ଟର ପରମେଶ୍ୱର ମହାନ୍ତ, କେଶଡିହା ଫରେଷ୍ଟର ବିଶ୍ୱଜିତ୍ ମହାନ୍ତ, ଚମ୍ପାଝର ଫରେଷ୍ଟର ଲୋକନାଥ ରାଉତ୍, ବନ କର୍ମଚାରୀ ଓ ସବୁଜ ବାହିନୀର ସଦସ୍ୟ ଅଚାନକ ଚଢାଉ କରି ସୁପର ଭାଇଜର ଅଗସ୍ତିଙ୍କୁ ଗିରଫ କରିବା ସହ ୧୨୫ଟି ଶାଳଗଜା ଜବତ କରିଥିଲେ । ତେବେ ଠିକାଦାର ଫେରାର ହୋଇଯାଇଥିବା ଜଣାପଡ଼ିଛି।



ବନ ବିଭାଗ ଜବତ କରିଥିବା ଶାଳକାଠ।

## ୨ ଶିକାରୀ ଧରାପଡ଼ିଲେ
# ଦେଶୀ ବନ୍ଧୁକ ଜବତ

**ଉଦଳା,୧୮ା୫(ଡି.ଏନ.ଏ.)**

ଶିମିଳିପାଳ କୋର୍ ଏରିଆ ଉପରବାରହାକାମୁଡା ରେଞ୍ଜ ଭଞ୍ଜବସା ଅଞ୍ଚଳରେ ଏସଟିଆର ଟିମ୍ ଶନିବାର ଚଢାଉ କରି ୨ ଶିକାରୀଙ୍କୁ ଗିରଫ କରିଛି। ଗିରଫ ୨ ଶିକାରୀ ହେଲେ ବାଲିନାଳ ଅଞ୍ଚଳର ସନିଆ ମୁଣ୍ଡା ଓ ସରାସିବିଲାର ଭଞ୍ଜ କିସ୍କୁ।



ଗିରଫ ହୋଇଥିବା ୨ ଶିକାରୀ।

ସେମାନଙ୍କ ନିକଟରୁ ଦେଶୀ ବନ୍ଧୁକ, କଟୁରି ସହିତ ବନ୍ୟଜନ୍ତୁ ମାଂସ ଜବତ ହୋଇଛି । ଶିକାର କରି ଫେରୁଥିବା ସମୟରେ ଅଭିଯୁକ୍ତ ଦ୍ୱୟ ଏସଟିଆର ଟିମ୍ ହାବୁଡରେ ପଡ଼ିଥିଲେ । ଗିରଫ ୨ ଶିକାରୀଙ୍କୁ ଉଦଳା ଏସଡିଜେଏମ୍ କୋର୍ଟଚାଲାଣ କରାଯାଇଛି ।

# ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ: ୪ ଗିରଫ

**ବାସୁଦେବପୁର,୧୮ା୫(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗଦେଇବିନ୍ଧା ଗ୍ରାମରେ ଜମିଜମା ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ ଉଭୟ ପକ୍ଷରୁ ଅଭିଯୋଗ କ୍ରମେ କଷିଆ ସାମୁଦ୍ରିକ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ କିସ୍ମତକୃଷ୍ଣପୁର ଗ୍ରାମର କୃଷ୍ଣଚନ୍ଦ୍ର ରାଉତ, ଗଦେଇବିନ୍ଧା ଗ୍ରାମର ଭାଗୀରଥି ସ୍ୱାଇଁ, କେରସାହିର ସଂଗ୍ରାମ କେଶରୀ ବଳ ଓ ଶ୍ୟାମସୁନ୍ଦର ବଳ। ପୋଲିସ ସୂଚନା ଅନୁଯାୟୀ, ଜମି ବିବାଦକୁ ନେଇ ଗ୍ରାମର ମନୋରମା ଦାଶ ଓ ଶ୍ୟାମସୁନ୍ଦର ବଳଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ଶୁକ୍ରବାର ଏହାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ମନୋରମାଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ. ୨୯/୧୯) ଓ ଶ୍ୟାମସୁନ୍ଦରଙ୍କ ଅଭିଯୋଗ କ୍ରମେ ମାମଲା (ନଂ.୩୦/୧୯) ରୁଜୁ କରିଛି। ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି।

## ■ ରଙ୍ଗପାଣି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ
# 'ଉତ୍ତମ ସମନ୍ୱୟ ହିଁ ସଫଳତାର ମାପକାଠି'

**ବଡ଼ସାହି,୧୮ା୫(ସ୍ୱ.ପ୍ର.)**

ପୂଜ୍ୟପୂଜାର ଉତ୍ତମ ସମନ୍ୱୟ ହିଁ ସଫଳତାର ମାପକାଠି ବୋଲି ବଡ଼ସାହି ବ୍ଲକ ଅଧୀନ ଦୁର୍ଗାପୁର ପଞ୍ଚାୟତ ରଙ୍ଗପାଣି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ପ୍ରାରମ୍ଭରେ ପୁରାତନ ଛାତ୍ର ଡ. ଜଗଦୀଶ କର ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବିଶ୍ୱମ୍ଭର ମହାରଣାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଇଓ ଦେବବ୍ରତ ବାରିକ ଯୋଗଦେଇ ଶିକ୍ଷାନୁଷ୍ଠାନର ଜୟନ୍ତୀ ପାଳନ ତା' ଅତୀତର ସ୍ମୃତିକୁ ଯେତିକି ରୋମନ୍ଥନ କରିଥାଏ, ତା'ଠାରୁ ଅଧିକ ସେ ଅନୁଷ୍ଠାନର ବିକାଶ ପାଇଁ ମୂଳଦୁଆ ପକାଇଥାଏ ବୋଲି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଛନ୍ତି । ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ନିରାକାରପୁରର କ୍ଷେତ୍ରବାସୀ ଡିଏଭି କଲେଜର ଇଂଲିଶ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ପ୍ରଭାତ କୁମାର ଦାଶ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରହରି କୋଇଲା ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଭିନ୍ନ ଭିନ୍ନ ଦିବସରେ ପୁରାତନ ଛାତ୍ରୀଛାତ୍ର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଏବଂ ସ୍କୁଲର ନାମ ଉଚ୍ଚକୁ ନେଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ପୁରାତନ ଛାତ୍ରଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ପୁରାତନ ଛାତ୍ର ଅନୁକୂଳ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ହୃଷୀକେଶ ଗାଆଣ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ପୁରାତନ ଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସୁବର୍ଣ୍ଣ ଜୟନ୍ତୀରେ ଉପସ୍ଥିତ ଅତିଥି।

# ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା

**ବାରିପଦା ଅଫିସ,୧୮ା୫**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଏମ୍‌ସିସି ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ଫନୀ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଘର ସଭାପତି ପ୍ରକାଶ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ସନ୍ତୋଷ କୁମାର ପଣ୍ଡା, ଜ୍ୟୋତିପ୍ରକାଶ ମିଶ୍ର, ଭାଗବତ ସାହୁ ଓ ଦିଲୀପ ପାତ୍ର ଗୁରୁବାର ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୫ ହଜାର ୫୫୫ ଟଙ୍କା ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ବାତ୍ୟା ବିପନ୍ନଙ୍କ ସହାୟତା ନିମନ୍ତେ କର୍ମଚାରୀ ସଂଘର ଏହି ପଦକ୍ଷେପକୁ ଜିଲାପାଳ ଭରଦ୍ୱାଜ ପ୍ରଶଂସା କରିଛନ୍ତି।



ଜିଲାପାଳଙ୍କୁ ଚେକ୍ ପ୍ରଦାନ କରାଯାଉଛି।

# ଏସୟୁସିଆଇର ପ୍ରତିବାଦ ସଭା

**ଯଶିପୁର,୧୮ା୫(ଡି.ଏନ୍.ଏ)**

ପଶ୍ଚିମବଙ୍ଗରେ ଭାଜପାର ନିର୍ବାଚନୀ ରାଲି ବେଳେ ଇଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନେଇ ଏସୟୁସିଆଇ (କମ୍ୟୁନିଷ୍ଟ) ଯଶିପୁର ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଯଶିପୁର ବଜାର ଛକରେ ଆୟୋଜିତ ସଭାରେ ବକ୍ତାମାନେ ଯୋଗଦେଇ ଭାଜପା, ଆରଏସଏସ ଓ ଏବିଭିପିର ଭୂମିକାକୁ ଦୃଢ ନିନ୍ଦା କରିଥିଲେ। ପ୍ରତିବାଦ ସଭାରେ ପାର୍ଟି ରାଜ୍ୟ କମିଟି ସଦସ୍ୟ କମ୍ରେଡ ଶମ୍ଭୁନାଥ ନାଏକ ଓ ସଦାଶିବ ଦାସ ଉପସ୍ଥିତ ଥିଲେ। ମଧୁସୂଦନ ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ସାଦ ବଦ୍ରା, ମନୋଜ ମହାନ୍ତ, ଲଳିତ ମହାନ୍ତ, ଛାତ୍ରନେତା ସୁଶାନ୍ତ ମୁର୍ମୁ, ଫୁଲଚାନ୍ଦ ଲୋହାର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଂକୀର୍ଣ୍ଣ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବ ଓ ଭାରଚାରା ରକ୍ଷା ପାଇଁ ଏହି ଅବସରରେ ସ୍ଥାନୀୟ ଜନ ସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା।




ପ୍ରତିବାଦ କାର୍ଯ୍ୟକ୍ରମରେ ଏସୟୁସିଆଇର କାର୍ଯ୍ୟକର୍ତ୍ତା।

## ■ ବେଲଡିହା-ଅଠଣଗାଁ ମୁଖ୍ୟ ରାସ୍ତା ମରଣଯନ୍ତା
# ମରାମତି ନ ହେଲେ ଆନ୍ଦୋଳନ

**କପ୍ତିପଦା,୧୮ା୫(ଡି.ଏନ୍.ଏ)**

କପ୍ତିପଦା ବ୍ଲକ୍ ବଡ ବିଶୋଳ ପଞ୍ଚାୟତ ବେଲଡିହାରୁ ଅଠଣଗାଁ ପର୍ଯ୍ୟନ୍ତ ୧ କି.ମି ରାସ୍ତା ମରଣଯନ୍ତା ପାଲଟିଛି। କପ୍ତିପଦା ବ୍ଲକ୍ ଓ ଉଦଳା ସବଡିଭିଜନ ହେଡକ୍ୱାର୍ଟରକୁ ଯିବା ପାଇଁ ବେଲଡିହା, ଅଠଣଗାଁ ଓ ଗୁଡୁଗୁଡିଆ ପଞ୍ଚାୟତର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ପଞ୍ଚାୟତ କିମ୍ବା ବ୍ଲକ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ପ୍ରାୟ ୫ ହଜାର ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଥିନେଇ ଅଞ୍ଚଳବାସୀ କପ୍ତିପଦା ଉପ ଜିଲାପାଳ, ବିଡିଓ, ବ୍ଲକ୍ ଅଧ୍ୟକ୍ଷା ଓ ବିଶୋଳ ସରପଞ୍ଚଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ରାସ୍ତାଟି ଦୀର୍ଘ ଦିନ ହେବ ଖାଲଖମା ପୂର୍ଣ୍ଣ ହୋଇଥିବା ବେଳେ ବର୍ଷା ଦିନେ ପାଣି କାଦୁଅରେ ଭର୍ତ୍ତି ହୋଇ ଯାଉଥିବାରୁ ଯାତାୟତ କ୍ଷେତ୍ରରେ ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଇେ ଆସୁଛନ୍ତି। ବର୍ଷା ହେଲେ ଏ ରାସ୍ତାରେ ଯିବା ଆସିବା କରିବା ମରଣ ସଦୃଶ ବୋଲି ଗ୍ରାମର ପୁରୁଷୋତ୍ତମ ମହାକୁଡ ଓ ୱାର୍ଡମେମ୍ବର ଚୈତନ୍ୟ ହାଁସଦା ପ୍ରକାଶ କରିଛନ୍ତି । ତେଣୁ ବର୍ଷା ଦିନ ପୂର୍ବରୁ ଏହି ରାସ୍ତା ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ଗ୍ରାମରେ ୯୦ ପ୍ରତିଶତ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବା ବେଳେ ସମସ୍ତେ ଗରିବ ସୀମାରେଖା ତଳେ ରହିଛନ୍ତି । ପ୍ରଶାସନ ପାଖରେ ଲଢି ଗାଁ ପାଇଁ କାମ ଆଣିବା ତାଙ୍କ ପାଖରେ ସମ୍ଭବ ହେଉ ନାହିଁ । ଫଳରେ ସେମାନଙ୍କୁ ଠକି ଏହାର ଫାଇଦା ବ୍ଲକ୍ ଓ ପଞ୍ଚାୟତ ନେଉଥିବା ଗ୍ରାମର ଭରତ ମହାକୁଡ ପ୍ରକାଶ କରିଛନ୍ତି । ଯେଉଁଠାରେ କାମ ଆବଶ୍ୟକ ନାହିଁ ସେଠାରେ ବାରମ୍ବାର ଠିକାଦାର ତୃଷ୍ଟିକରଣ ପାଇଁ କାମ ହେଉଥିବା ବେଳେ ଆବଶ୍ୟକୀୟ ସ୍ଥାନରେ କାମ କରାଯାଉ ବୋଲି ସେମାନେ ପ୍ରକାଶ କରିଛନ୍ତି । ନିର୍ବାଚନ ବେଳେ ନେତାଙ୍କ ପ୍ରତିଶ୍ରୁତି କେବଳ କଥାରେ ଅଟକି ରହିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡବଡ ଖାଲ ସୃଷ୍ଟି ହୋଇଥିବାରୁ ଯାତାୟତ ଆଦୌ ସମ୍ଭବ ହେଉନାହିଁ। ରୋଗୀ ସେବା ଓ ଜରୁରୀକାଳୀନ ସେବା ପାଇଁ ଯାନବାହନ ଆସିବା ଏହି ରାସ୍ତା ଦେଇ ସମ୍ଭବ ହେଉ ନ ଥିବାରୁ ଲୋକେ ବହୁ ହଇରାଣ ହରକତ ହେଉଥିବା ଗ୍ରାମବାସୀ ରାଜେନ୍ଦ୍ର ମହାକୁଡ ଓ ସାଇବ ମହାକୁଡ ପ୍ରକାଶକ କରିଛନ୍ତି। ୧୦୮ ଓ ୧୦୨ ଆମ୍ବୁଲାନ୍ସ ଓ ଦମକଳ ଗାଡିର ଚାଳକ ମାନଙ୍କୁ ଆବଶ୍ୟକ ସମୟରେ ନେହୁରା ହେବାକୁ ପଡୁଛି । ସେମାନେ ମଧ୍ୟ ଏ ରାସ୍ତାରେ ଆସିବାକୁ ଅମଙ୍ଗ ହେଉଛନ୍ତି। ସେହିପରି ରାତି ପାହିଲେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା କଲେଜ, ହାଇସ୍କୁଲ ଛାତ୍ରୀଛାତ୍ର ଓ ବ୍ୟବସାୟୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାଟିକୁ ନିଜ ଅଧୀନକୁ ନେଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ କପ୍ତିପଦା ବି.ଡି.ଓ ରବିନ୍ଦ୍ର କୁମାର ମଲିକ୍‌ଙ୍କୁ ପଚାରିବାରୁ ଉକ୍ତ ପଞ୍ଚାୟତର ସରପଞ୍ଚ ଓ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ରାସ୍ତା ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।



ଶୋଚନୀୟ ହୋଇପଡ଼ିଥିବା ବେଲଡିହା-ଅଠଣଗାଁ ରାସ୍ତା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ମେ ୧୯/୨୦୧୯ Balasore, Sunday, May 19/ 2019

## ସଂକ୍ଷେପରେ

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**କପ୍ତିପଦା,୧୮।୫ (ଡ଼ି.ଏନ୍.ଏ)**- କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ ରାଇପାଳ ଗ୍ରାମର ଜଣେ ବୃଦ୍ଧଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତକ ଅର୍ଜୁନ ବିଶ୍ୱାଳ(୬୫) । ସେ ଘର ବାରଣ୍ଡାରେ ବସିଥିବା ବେଳେ ହଠାତ୍ ପଡ଼ି ଯାଇଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଶରତ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବଳାତ୍କାର ମାମଲା, ଦୋଷୀଙ୍କୁ ୫ବର୍ଷ ଜେଲ

**ବାରିପଦା ଅଫିସ,୧୮।୫**- ମୟୂରଭଞ୍ଜ ଅତିରିକ୍ତ ଜିଲା ଦୌରାଜଜ ଡ.ଭି ସୁଜାତା ଶନିବାର ଏକ ବଳାତ୍କାର ମାମଲାର ବିଚାର କରି ଦୋଷୀଙ୍କୁ ୫ ବର୍ଷ ଜେଲ ଓ ୨ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ ମାର୍ଚ୍ଚ ୨୩ ତାରିଖରେ ଶରତ ଥାନା ଅଞ୍ଚଳର ଜଣେ ଯୁବତୀ ନିକଟସ୍ଥ ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିଲା ବେଳେ ସେହି ଗ୍ରାମର ରାମ ମହାକୁଡ ତାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା ଅନ୍ୟ ଲୋକମାନେ ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ଦୌଡି ପଳାଇଯାଇଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ବୈଠକ ବସିଥିଲେ ମଧ କୌଣସି ସମାଧାନ ନ ହେବାରୁ ଯୁବତୀଙ୍କ ପରିବାର ଲୋକେ ଶରତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ (ନଂ.୧୦/୧୪)ରେ ଏକ ମାମଲା ରୁଜୁ କରି ରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରିଥିଲେ।

### ଡକାୟତି ଉଦ୍ୟମ, ୪ ଗିରଫ




**ଯୋଡ଼ା, ୧୮।୫(ଡି.ଏନ.ଏ.)**- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜଜାଙ୍ଗ ଖଣିର ରେଳ ସାଇଡିଂରେ କାର୍ଯ୍ୟରତ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରି ଡକାୟତି ଉଦ୍ୟମ ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁରୁବାର ବିଳମ୍ବିତ ରାତିରେ ଉକ୍ତ ରେଳସାଇଡିଂରେ କାର୍ଯ୍ୟରତ ସୁରକ୍ଷାକର୍ମୀ ପ୍ରେମନାଥ ପ୍ରଧାନଙ୍କୁ କେତେକ ଦୁର୍ବୃତ୍ତ ଆସି ଅତର୍କିତ ଆକ୍ରମଣ କରି ୩ଟି ମୋବାଇଲ ଚୋରି କରିବା ସହିତ ଖଣିରେ ଥିବା ପେଲୋଡ଼ର ଯନ୍ତ୍ରାଂଶ ଚୋରି ଉଦ୍ୟମ କରିଥିଲେ । ଏ ନେଇ କମ୍ପାନୀ ପକ୍ଷରୁ ବାମେବାରୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଜଜାଙ୍ଗ ପ୍ରେମନଗର ଅଞ୍ଚଳର ସୋମା ମୁଣ୍ଡା, ସୁନୀଲ ଲୋହାର, ପାଣ୍ଡିଆ ଗ୍ରାମର ବିଶୁ ନାଏକ ଓ ଲଙ୍ଗାଲଟା ଅଞ୍ଚଳର ବ୍ରଜକିଶୋର ମୁଣ୍ଡାଙ୍କୁ ଗିରଫ କରି ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚୋରି ହୋଇଥିବା ୩ ମୋବାଇଲ ମଧ୍ୟରୁ ୨ଟି ପୋଲିସ ଜବତ କରିଛି।

### ମାଛ ଧରିବାକୁ ଯାଇ ନିଖୋଜ

**ପାଟଣା,୧୮।୫(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ଅଙ୍କୁରା ଗ୍ରାମ ଉପର ସାହିର ଜଣେ ବିବାହିତ ବ୍ୟକ୍ତି ଶନିବାର ପୂର୍ବାହ୍ନରେ ଘର ନିକଟ ବୈତରଣୀ ନଦୀ ଘାଟକୁ ମାଛ ଧରିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ନିଖୋଜ ବ୍ୟକ୍ତି ହେଉଛନ୍ତି ମୋହନ ନାଏକ(୫୫)। ମିଳିଥିବା ସୂଚନା ଅନୁଯାୟୀ ଶନିବାର ପୂର୍ବାହ୍ନରେ ନଦୀକୁ ଏକ ଟ୍ୟୁବ ସାହାଯ୍ୟରେ ମାଛ ଧରିବା ପାଇଁ ଯାଇ ନଦୀ ଗର୍ଭକୁ ଯାଇ ନିଖୋଜ ହୋଇଯାଇଛନ୍ତି। ମୋହନ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଅଟନ୍ତି। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ବ୍ୟକ୍ତିଙ୍କର କୌଣସି ସନ୍ଧାନ ମିଳିପାରିନାହିଁ।

■ ଦନ୍ତା ଆକ୍ରମଣରେ ମହିଳା ମୃତ

# ବନବିଭାଗ କାର୍ଯ୍ୟାଳୟ ଘେରିଲେ ଲୋକେ

**ହାଟଡିହୀ/ ଆନନ୍ଦପୁର/ ବଉଳା, ୧୮।୫(ଡି.ଏନ୍.ଏ./ସ୍ୱ.ପ୍ର.)**



ଫରେଷ୍ଟ ଅଫିସ କାର୍ଯ୍ୟାଳୟରେ ଉତ୍ତ୍ୟକ୍ତ ଲୋକେ ଧାରଣା ଦେଇଛନ୍ତି।

■୧୨ ଦିନରେ ହାତୀ ନେଲାଣି ୩ ଜୀବନ
■ଚାକିରି ସହ ୧୦ ଲକ୍ଷ କ୍ଷତିପୂରଣ ଦାବି

କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର ହଦଗଡ଼ ହସ୍ତୀ ଅଭୟାରଣ୍ୟରୁ ଏକ ଦନ୍ତାହାତୀ ଗତ ଶୁକ୍ରବାର ରାତିରେ ନୂଆଗୁଡ଼ି ଗ୍ରାମର ଜଗନ୍ନାଥ ମଲ୍ଲିକ(୫୨)ଙ୍କୁ ଆକ୍ରମଣ କରି ମାରିଦେଇଥିବା ବେଳେ ଶନିବାର ସକାଳେ କାନପୁର ଗ୍ରାମର ସଞ୍ଜୁଲତା ରାଉତ ନାମକ ଜଣେ ମହିଳାଙ୍କୁ ମାରିଦେଇଛି। ହଦଗଡ ହସ୍ତୀ ଅଭୟାରଣ୍ୟରୁ ଦନ୍ତା ଜନବସତି ମୁହାଁ ହୋଇ ୧୩ ଦିନ ମଧ୍ୟରେ ୩ ଜୀବନ ନେଲାଣି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ କ୍ଷତିପୂରଣ ଓ ଘଟଣାର ସ୍ଥାୟୀ ସମାଧାନ ଦାବିରେ ହଦଗଡ ରେଞ୍ଜର ବନପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ବନ ବିଭାଗର ନିଷ୍କ୍ରିୟତାକୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। ଏପରିକି ଅଫିସ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଥିବା ସୂଚନା ମିଳିଛି। ଟେବୁଲ ଚେୟାର ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା ହୋଇଥିବା ଜଣାପଡିଛି। ଘଟଣାସ୍ଥଳରେ ଆନନ୍ଦପୁର ଡିଏଫଓ ଅଜିତ ଶତପଥୀ ଓ ରେଞ୍ଜର ସୁରେନ୍ଦ୍ର ନାଥ ହେମ୍ବ୍ରମ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି। ବନ କର୍ମଚାରୀମାନେ ହାତୀକୁ ଟ୍ରାକିଂ କରୁଥିବା ଏବଂ ହାତୀକୁ ଘଉଡାଇବା ପାଇଁ ବାରିପଦାରୁ ଏକ ୮ ଜଣିଆ ଟିମ୍ ନିୟୋଜିତ ହୋଇଥିବା ଡିଏଫଓ ଶତପଥୀ କହିଛନ୍ତି। ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ବନବିଭାଗ ତରଫରୁ କ୍ଷତିପୂରଣ ଦିଆଯାଇଥିବା ଜଣାପଡିଛି। ଅପରପକ୍ଷେ ସ୍ଥାନୀୟ ଲୋକମାନେ ହାତୀକୁ ଘଉଡାଇବା, ମୃତକଙ୍କ ପରିବାରର ଜଣଙ୍କୁ ଚାକିରିଦେବା ସହ କ୍ଷତିପୂରଣ ପ୍ରଦାନ ଦାବିରେ ଜିଦ୍ ଧରିଛନ୍ତି। ଡିଏଫଓ ଶତପଥୀ କହିଛନ୍ତି ଯେ ହାତୀକୁ ଘଉଡାଇବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି ଏବଂ ସରକାରୀ ନିୟମ ଅନୁସାରେ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ।

■ ଧାମନଗରର ବଜାରରେ ଡକାୟତି

# ଶାଢ଼ି ଦେଖାଇବାକୁ କହି ଦୋକାନୀଙ୍କୁ ଆକ୍ରମଣ

**ଧାମନଗର, ୧୮।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବଜାରରେ ଶୁକ୍ରବାର ରାତିରେ ଶୁଭଲକ୍ଷ୍ମୀ ପରିଧାନ ନାମକ ଏକ ଲୁଗା ଦୋକାନରେ ଡକାୟତି ହୋଇଛି। ଏଥିସହ ଦୁର୍ବୃତ୍ତମାନେ ଦୋକାନୀଙ୍କୁ ଶାଢ଼ି ଦେଖାଇବାକୁ କହି ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ଗୁରୁତର ଦୋକାନ ମାଲିକ ଓ ମାଲିକାଣୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ଛାନ୍‌ଭିନ୍ ଚଳାଇଛି। ସୂଚନା ଅନୁସାରେ, ଦୋକାନ ବନ୍ଦ କରି ମାଲିକ ନରେନ୍ଦ୍ର ସାହୁ ଏବଂ ମାଲିକାଣୀ ସୁମତି ସାହୁ ଖାଇବାକୁ ବାହାରୁଥିବା ବେଳେ ୨ ଯୁବକ ଶାଢ଼ି ନେବା ପାଇଁ ଅନୁରୋଧ କରିଥିଲେ। ନରେନ୍ଦ୍ର ଏବଂ ସୁମତି ଦୋକାନ ଖୋଲି ଶାଢି ଦେଖାଇବା ସମୟରେ ଯୁବକଦ୍ୱୟ ସେମାନଙ୍କୁ ଅକ୍ରମଣ କରିଥିଲେ। ସେଠାରେ ଉପସ୍ଥିତ ନରେନ୍ଦ୍ରଙ୍କର ଜଣେ ପୁତୁରାଙ୍କ ପାଟି ଶୁଣି ଲୋକେ ରୁଣ୍ଡ ହେବାରୁ ୨ ଯୁବକ ବାଇକ୍‌ରେ ପଳାଇଯାଇଥିଲେ। ଧାମନଗର ଥାନାର ଅନତି ଦୂରରେ ଡକାୟତଙ୍କ ଆକ୍ରମଣ ଖବର ପାଇ ବି ପୋଲିସ ବିଳମ୍ବରେ ପହଞ୍ଚିବାରୁ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ନରେନ୍ଦ୍ର ଏବଂ ସୁମତିଙ୍କୁ ସଙ୍ଗେ ସଙ୍ଗେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଉଭୟଙ୍କର ମୁଣ୍ଡ ଏବଂ ମୁହଁକୁ ଆକ୍ରମଣ କରାଯାଇଥିବାରୁ ଗୁରୁତର ଅଛନ୍ତି। ସେମାନେ କଥାବାର୍ତ୍ତା କରିପାରୁ ନ ଥିବାରୁ ଲୁଟ୍ ସମ୍ପର୍କରେ ଖବର ମିଳିପାରି ନାହିଁ। ଶନିବାର ଆହତ ଦମ୍ପତିଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଧାମନଗର ବ୍ଲକରେ ହତ୍ୟା, ଚୋରି, ଡକାୟତି, ଛିନ୍ତାଇ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପୋଲିସର କାର୍ଯ୍ୟାନୁଷ୍ଠାନ ଠିକ୍ ଭାବେ ହେଉ ନ ଥିବାରୁ ସାଧାରଣ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ

**ବାଲିଆପାଳ, ୧୮।୫ (ଡି.ଏନ.ଏ./ସ୍ୱ.ପ୍ର.)**

ବାଲିଆପାଳ ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିବା ପରେ ଯୁବକଜଣକ ତାଙ୍କୁ ନୃଶଂସ ଭାବେ ହତ୍ୟା କରିବା ଲାଗି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏନେଇ ବାଲିଆପାଳ ଥାନାରେ ଏକ ମାମଲା (ନଂ. ୭୬/୧୯) ରୁଜୁ ହୋଇଛି ।

ସୂଚନା ଅନୁଯାୟୀ, ନାବାଳିକାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ରାତିରେ ଯୁବକଜଣକ ତାଙ୍କୁ ଘରଠାରୁ ୧୦ କି.ମି. ଦୂର ମଧୁପୁରା ପଞ୍ଚାୟତ ହାସିମପୁର ଗ୍ରାମର ଏକ ନିଛାଟିଆ ପଡିଆକୁ ନେଇଯାଇଥିଲେ। ସେଠାରେ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିବା ପରେ ଏକ ଧାରୁଆ ବ୍ଲେଡରେ ଶରୀରର ବିଭିନ୍ନ ସ୍ଥାନକୁ କାଟି କ୍ଷତବିକ୍ଷତ କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ରାତି ପ୍ରାୟ ୧୧ଟା ବେଳେ ଝିଅଟିର ପାଟି ଶୁଣି ସ୍ଥାନୀୟ ଯୁବକମାନେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶନିବାର ବାଲିଆପାଳ ଚାଇଲ୍ଡ ଲାଇନ ମୁଖ୍ୟ ପ୍ରଶାନ୍ତ ରାଉତ ଏବଂ ତାଙ୍କ ସହଯୋଗୀ ଉତ୍ତମ ନାୟକ ବାଲେଶ୍ୱର ଯାଇ ସିଡବ୍ଲୁସିର ଚେୟାର ପର୍ସନ ଭାଗିରଥୀ ବାରିକଙ୍କ ସହିତ ବାଲେଶ୍ୱର ଜିଲାପାଳ ଓ ଏସ୍‌ପିଙ୍କୁ ଏ ବାବଦରେ ଭେଟିଛନ୍ତି। ପରେ ଡାକ୍ତରଖାନା ଯାଇ ଝିଅର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଝିଅଟି ଏବେ ସୁଦ୍ଧା ବିପଦମୁକ୍ତ ନୁହେଁ ବୋଲି ସେମାନେ କହିଛନ୍ତି। ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ କାଦରାୟାଁ ଉପନିର୍ବାଚନ କାର୍ଯ୍ୟରେ ଯାଇଥିବାରୁ ସେଠାରୁ ଆସିବା ପରେ ଆସାମୀଙ୍କୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି।

## ଦୁଇ ଠକ ଗ୍ରାମବାସୀଙ୍କ ଦ୍ୱାରା ଅଟକ

**ହାଟଡିହୀ, ୧୮। ୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡଅଁର ପଞ୍ଚାୟତ ସରଳା ଗ୍ରାମରେ ଦୁଇ ଜଣ ଠକ ପୁରୁଣା ସୁନା, ରୁପା ଓ ତମ୍ବା ବଦଳ କରି ଠକେଇଥିବା ଅଭିଯୋଗରେ ଗ୍ରାମବାସୀ ଶନିବାର ଦୁଇ ଠକଙ୍କୁ ଅଟକ ରଖିଛନ୍ତି। ଠକ ଦୁଇ ଜଣ ହେଉଛନ୍ତି ଯାଜପୁର ଜିଲା ଧର୍ମଶାଳା ଥାନା ବନ୍ଧଡିଆଁ ଗ୍ରାମର। ଉଭୟ ଶାଳଣିଆଁ ଅଞ୍ଚଳରେ ବିଭିନ୍ନ ସମୟରେ ଏହି ଭଳି ଠକେଇ କରି ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଲୋକମାନେ ଅଭିଯୋଗ କରିଛନ୍ତି। ତେବେ ସୁନା ଓ ରୁପା ଅଳଙ୍କାର ହରାଇଥିବା ଲୋକମାନେ ଠକ ଦୁଇ ଜଣଙ୍କୁ ଠାବ କରିଥିଲେ। ଘଟଣା ଜଣାପଡିବା ପରେ ସରଳା ଓ ଏହାର ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ। ଦୁଇ ଠକଙ୍କୁ ତାଗିଦ କରିବା ଫଳରେ ଉଭୟ ଅଳଙ୍କାର ଓ ଅର୍ଥ ହଡପ କରିବା ଲୋକଙ୍କୁ ଅର୍ଥ ଫେରାଇବାକୁ ରାଜି ହୋଇଥିଲେ। ଇତି ମଧ୍ୟରେ ଉଭୟ ଠକ ଦୁଇ ଜଣ ଲକ୍ଷାଧିକ ଟଙ୍କା ଫେରସ୍ତ କରିସାରିଥିବା ଜଣାପଡିଛି। ଖବର ଲେଖାହେବା ବେଳକୁ ଗ୍ରାମବାସୀ ଦୁଇ ଠକଙ୍କୁ ପୋଲିସକୁ ହସ୍ତାନ୍ତର କରି ନଥିବା ସୂଚନା ମିଳିଛି।

■ ବ୍ରିଜ୍‌ରେ ଝୁଲି ରହିଲା ବସ୍

# ଅଳ୍ପକେ ବର୍ତ୍ତିଲେ ୬୦ ଯାତ୍ରୀ



ବ୍ରିଜ୍‌ରେ ଝୁଲି ରହିଥିବା ବସ୍।

**ସୋର, ୧୮।୫(ଡି.ଏନ.ଏ.)**

ସୋର ୧୬ନଂ. ଜାତୀୟ ରାଜପଥ ଉତ୍ତରେଶ୍ୱର ବସ୍ ରହଣିଠାରେ ଏକ ବସ୍ ବଡ଼ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଶୁକ୍ରବାର ରାତି ୨ଟା ୩୦ମିନିଟ୍ ସମୟରେ ସାହୁ ନାମକ ଘରୋଇ ବସ୍ (ନଂ.ଓଡ଼ି୦୧ଏସ୍-୧୪୧୪) ବ୍ରହ୍ମପୁରରୁ ବାଲିଆପାଳ ଅଭିମୁଖେ ଯାଉଥିବା ବେଳେ ଉତ୍ତରେଶ୍ୱର ବସ୍ ରହଣିଠାରେ ଦୁର୍ଘଟଣା ଘଟିଛି। ବସ୍‌ରେ ପାଖାପାଖି ୬୦ଜଣ ଯାତ୍ରୀ ଥିଲେ। ବସଷ୍ଟପ୍‌ରେ ବସ୍ ଅଟକିଥିବା ବେଳେ ଯାତ୍ରୀମାନେ ଓହ୍ଲାଉଥିଲେ। ଏହି ସମୟରେ ପଛପଟରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ(ନଂ.ଡବ୍ଲ୍ୟୁବି୪୧ଏଚ୍-୨୨୯୬) ଧକ୍କା ଦେଇଥିଲା। ବସ୍ ବ୍ରିଜ୍ ପାର୍ଶ୍ୱକୁ ଚାଲି ଯାଇ ଝୁଲି ରହିଥିଲା। ବସ୍ ଡ୍ରାଇଭର ବ୍ରେକ୍‌କୁ ଚାପି ରଖିବାରୁ ଏକ ବଡ଼ଧରଣର ଦୁର୍ଘଟଣାରୁ ରକ୍ଷା ପାଇଯାଇଛି। ଯାତ୍ରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରୁ ବସ୍‌ରୁ ଓହ୍ଲାଇଥିଲେ। ସୋର ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି। ଟ୍ରକ୍ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା।

# ନାବାଳିକାଙ୍କୁ ନିର୍ଯାତନା ଅଭିଯୋଗ ଆଣିଲା ଏସଏଚ୍‌ଜି

**କେନ୍ଦୁଝର, ୧୮।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଟାଉନ ଥାନା ଗୁମୁରା ଅଞ୍ଚଳରେ ଦୁଇ ନାବାଳିକାଙ୍କୁ ନିର୍ଯାତନା ଦିଆଯାଉଥିବା ସ୍ଥାନୀୟ ଏସ୍‌ଏଚ୍‌ଜି ଥାନାରେ ଅଭିଯୋଗ କରିଥିବାବେଳେ ନାବାଳିକାଙ୍କୁ ପୋଲିସ ଜିମା ଦିଆଯାଇଛି। ସେମାନଙ୍କ ଘର ମୟୂରଭଞ୍ଜ ଜିଲାରେ ବୋଲି ଜଣାପଡିଛି। ସେମାନଙ୍କୁ କାମ କରିବାକୁ ଆଣି ଜଣେ ଲୋକ ନିଜ ଘରେ ରଖିଥିଲେ। ସେମାନଙ୍କୁ ସେ ବିଭିନ୍ନ ପ୍ରକାରର କାମ କରାଇବା ସହ ଅଶାଳିନ କାମ କରିବାକୁ ପ୍ରବର୍ତ୍ତାଉଥିଲା ବୋଲି ନାବାଳିକା ଦ୍ୱୟ ଅଭିଯୋଗ କରିଛନ୍ତି। ପ୍ରତିବାଦ କଲେ ମୁହଁକୁ ମାଡ ମାରି ରକ୍ତାକ୍ତ କରିଦେଉଥିଲେ ବୋଲି ମଧ ସେମାନେ କହିଛନ୍ତି। ତାଙ୍କ ପ୍ରତି ହୋଇଥିବା ନିର୍ଯାତନା ଓ ଅତ୍ୟାଚାର ବିଷୟରେ ଭୟ ଓ ଲାଜରେ ସେ ଖୋଲାଖୋଲି କହିପାରୁନଥିଲେ। ଅନ୍ୟପକ୍ଷରେ ଉକ୍ତ ଘରେ ଭଡା ରହୁଥିବା ଜଣେ ଶିକ୍ଷକ ମଧ ସେମାନଙ୍କ ପ୍ରତି ଖରାପ ବ୍ୟବହାର କରିଆସୁଥିଲେ। ପରେ ଚାଇଲ୍ଡ ଲାଇନ୍ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ଉଦ୍ୟମରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଅଭିଯୋଗ ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରୁଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡିଛି ।

# ୮୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଚୋରି

**ଭଣ୍ଡାରିପୋଖରୀ, ୧୮।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ନାଆଁମୀ ପଞ୍ଚାୟତ ନାୟକସାହିର କିଶୋର ନାୟକଙ୍କ ଘରୁ ଗତ ୧୧ ତାରିଖ ରାତିରେ ନଗଦ ୮୦ ହଜାର ସହ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ମାମଲା (ନଂ. ୭୬/୧୯) ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ନାଆଁମୀ ତାଳବରେଇ ସାହିରେ ଅପେରା ଯାତ୍ରା ଚାଲିଥିଲା। କିଶୋରଙ୍କ ପରିବାର ସଦସ୍ୟ ଅପେରା ଦେଖିବାକୁ ଯାଇଥିଲେ। ଘରେ ୨/୩ ଜଣ ମହିଳା ଥିଲେ। ବିଳମ୍ବିତ ରାତିରେ ଘର ତାଲା ଭାଙ୍ଗି ଚୋର ଘରେ ପଶି ନଗଦ ୮୦ ହଜାର ଟଙ୍କା ସହ ସୁନାଚେନ, ମୁଦି, କାନଫୁଲ, ମଙ୍ଗଳସୂତ୍ର, ବାହୁଟି ଆଦି ଲକ୍ଷାଧିକ ଟଙ୍କାର ଗହଣା ଚୋରି କରି ନେଇଯାଇଛନ୍ତି। ଗ୍ରାମର ଜଣେ ଯୁବକ ଚୋରି କରିଥିବା ପରିବାର ଲୋକ ଦେଖିଥିବା କିଶୋରଙ୍କ ପୁଅ ଶରତ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ପୋଲିସ କାହାରିକୁ ଗିରଫ କରିନାହିଁ। ପ୍ରକାଶ ଯେ, ମଞ୍ଜୁରୀରୋଡ ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଚୋରମାନେ ଘରୁ, ଦୋକାନ, ମନ୍ଦିର ଆଦି ସ୍ଥାନରୁ ଚୋରି କରି ଚାଲିଥିଲେ ମଧ ଫାଣ୍ଡି ପୋଲିସ ଆଜି ଯାଏ କୌଣସି ଚୋରିର ସୁରାକ ପାଇପାରି ନାହିଁ। ମଞ୍ଜୁରୀରୋଡ ଅଞ୍ଚଳ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ଏଠାରେ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ସାଧାରଣରେ ଦାବି ହେଉଛି।

# ଅନ୍ୟ ଜାତିରେ ବିବାହ କରିଥିବାରୁ ସାମାଜିକ ବାସନ୍ଦ

**ଢେଙ୍କିକୋଟ,୧୮।୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ଖଜୁରି ଜିଆଣି ଗାଁ । ସେହି ଗାଁର ନାଭ ନାୟକଙ୍କ ସାନପୁଅ ବାଇଧର (୪୨) ଗତ ୧୫ ବର୍ଷ ହେବ ଘର ଛାଡ଼ି ରୋଜଗାର ଅନ୍ୱେଷଣରେ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ସେଠାରେ ସେ ଅନ୍ୟଜାତିର ଜଣେ ଯୁବତୀଙ୍କୁ ଭଲ ପାଇ ବିବାହ କରିଥିଲେ। ଏବେ ତାଙ୍କର ୧୨ ବର୍ଷର ଏକ ଝିଅଟିଏ ଅଛି।

ସମୟ, ସୁଯୋଗ ମିଳିଲେ ବାଇଧର ଗାଁକୁ ଆସନ୍ତି । ପରିବାର ସଦସ୍ୟଙ୍କ ଭଲମନ୍ଦ ବୁଝନ୍ତି । ପୁଣି କର୍ମ କ୍ଷେତ୍ରକୁ ଚାଲିଯାଆନ୍ତି। ହେଲେ ଗତ ୨ ବର୍ଷ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। କାମ କରିବାକୁ ଆଉ ବଳ ପାଉନାହିଁ। ସେଥିପାଇଁ ସେ ନିଜ ପରିବାର ସହିତ ଘରକୁ ଫେରି ଆସିବାକୁ ମନସ୍ଥ କରିଥିଲେ । ଏ କଥା ସେ ପରିବାର ଲୋକଙ୍କୁ କହିଥିଲେ। ଶେଷରେ ଏଥିପାଇଁ ସମ୍ମତି ମିଳିଥିଲା । ଗତମାସରେ ସେ ସ୍ତ୍ରୀ, ଓ ଝିଅକୁ ଧରି ଗାଁକୁ ଫେରିଥିଲେ। ହେଲେ ଗାଁ ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ବାଇଧର ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କୁ ଗାଁ ଲୋକେ ସାମାଜିକ ବାସନ୍ଦ କରିଥିଲେ । ଫଳରେ ପରିବାର ଲୋକେ ତାଙ୍କୁ ଘରେ ଭର୍ତ୍ତି କରି ନ ଥିଲେ। ଏପରି ପରିସ୍ଥିତିରେ ବାଇଧର କଣ କରିବେ କିଛି ଚିନ୍ତା କରି ପାରି ନ ଥିଲେ । ଶାରୀରିକ ଅସୁସ୍ଥତା ତାଙ୍କୁ ଯେତିକି ବାଧି ନ ଥିଲା ; ଗ୍ରାମବାସୀଙ୍କ ନିଷ୍ପତ୍ତି ତାଙ୍କୁ ଅଧିକ କଷ୍ଟ ଦେଇଥିଲା । ଶେଷରେ ସେ ଝିଅ ଓ ସ୍ତ୍ରୀକୁ ନେଇ ପୈତୃକ ଜମି ଉପରେ ଥିବା ଏକ ଗଛମୂଳରେ ଆଶ୍ରୟ ନେଇଥିଲେ । ବୈଶାଖମାସର ଟାଣ ଖରାରେ ଖୋଲା ଆକାଶ ତଳେ ଅଖିଆ ଅପିଆ ତାଙ୍କ ପରିବାର ପଡି ରହିଥିଲେ । ଇତିମଧ୍ୟରେ ଆଉ ଏକ ଦୁଃଖ ବାଇଧର ପାରିବାରିକ ଜୀବନକୁ ଛାରଖାର କରି ଦେଇଛି । ଗାଁ ଓ ପରିବାର ଲୋକଙ୍କ ବିରୋଧ ଦେଖି ତାଙ୍କ ସ୍ତ୍ରୀ ଝିଅ ଓ ସ୍ୱାମୀକୁ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ତାଙ୍କୁ ଖୋଜି ଆଣିବାକୁ ବାଇଧରଙ୍କ ପାଖରେ କିଛି ବି ନାହିଁ। କେବଳ ଭାଗ୍ୟକୁ ଆଦରି ସେ ଅତି ଦୟନୀୟ ଅବସ୍ଥାରେ ଗଛମୂଳରେ ପଡ଼ି ରହିଛନ୍ତି। ଅସୁସ୍ଥ ବାପାଙ୍କୁ ଚାହିଁ ଝିଅଟି ବି ସେଠାରେ ରହିଛି। ବାଇଧରଙ୍କୁ ଜିଲା ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

**ଗଛମୂଳେ ଆଶ୍ରୟ ନେଇଛନ୍ତି ବାପା, ଝିଅ**



## ଗୟଳ ଆକ୍ରମଣରେ ବନ କର୍ମଚାରୀ ଗୁରୁତର

**ସଜନାଗଡ଼, ୧୮।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅନ୍ତର୍ଗତ କୁଲଡ଼ିହା ଅଭୟାରଣ୍ୟ ରେଞ୍ଜର କୁଲଡ଼ିହା ବିଟ୍‌ରେ ଶନିବାର ସକାଳ ୭ଟା ବେଳେ ବନ କର୍ମଚାରୀ କିଶୋର ଚନ୍ଦ୍ର ଭୂୟାଁ ଓ ସବୁଜବାହିନୀ ପୂର୍ଣ୍ଣଚନ୍ଦ୍ର ରାଉତ ପାଟ୍ରୋଲିଂ କରୁଥିବା ବେଳେ ୫ଟି ଗୟଳ ତାଙ୍କ ଆଡ଼କୁ ମାଡ଼ି ଆସିଥିଲେ। ପରେ ୪ଟି ଗୟଳ ବାଟ କଡ଼େଇ ଚାଲି ଯାଇଥିଲା ବେଳେ ଗୋଟିଏ ଗୟଳ ପୂର୍ଣ୍ଣଚନ୍ଦ୍ରଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ରଙ୍କୁ ପ୍ରଥମେ ନୀଳଗିରି ମେଡ଼ିକାଲକୁ ଅଣାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ